# Asian School of Business Management

**NEW PAPER:** Prameya

**DATE:** 13.08.2018

**PAGE:** 15

ପ୍ରମେୟ
THE PRAMEYA

# ଏଏସ୍‌ବିଏମ୍ ର ୧୪ମ ପ୍ରତିଷ୍ଠା ଦିବସ ପାଳନ

ଚନ୍ଦକା,୧୨।୮(ଆ.ପ୍ର.): ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ ର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବର ବିକାଶ, ସମାଜ ସଂସ୍କୃତି ଓ ରୀତିନୀତି ଉପରେ ବକ୍ତବ୍ୟ ରଖିବା ସହ ମଣିଷର ଶୃଙ୍ଖଳିତ ଜୀବନରେ ନୃତତ୍ତ୍ୱର ଭୂମିକା ବିଷୟରେ ଆଲୋକ ପାତ କରିଥିଲେ ।ସେ 'ଇଥୋନୋଗ୍ରାଫି ଆଣ୍ଡ ଦ କରପୋରେଟ୍ ଏନକାଉଣ୍ଟର' ବିଷୟରେ ବୁଝାଇ ବାକୁ ଯାଇ ପ୍ରଫେସର ପଟ୍ଟନାୟକ ଇଥୋନୋଗ୍ରାଫି ହେଉଛି କୌଣସି ଗୋଷ୍ଠୀର ସାହିତ୍ୟ, କଳାର ସାଇତି ରଖା ଯାଇଥିବା ତଥ୍ୟ ବା ପ୍ରମାଣ । ନିର୍ଦ୍ଦିଷ୍ଟ ଲୋକମାନଙ୍କ ବା ଗୋଷ୍ଠୀର ସାମାଜିକ ରୀତି ଓ ସଭ୍ୟତା ହେଉଛି ଇଥୋନୋଗ୍ରାଫି । କୌଣସି ଗୋଷ୍ଠୀର ତଥ୍ୟ ସଂଗ୍ରହ କରିବାରେ କିପରି ଇଥୋନୋଗ୍ରାଫି ସାହାଯ୍ୟ କରିଥାଏ ସେଥିପାଇଁ ସେ ଇଥୋନୋଗ୍ରାଫିର ପ୍ରାକୃତିକ ନିୟୋଜିତ ପ୍ରକ୍ରିୟ ପ୍ରଣାଳୀ, ଅଂଶଗ୍ରହଣର ପାଳନର ପ୍ରଣାଳୀ, ଗୋଷ୍ଠୀର ଭାଷା ଏବଂ ଲୋକମାନଙ୍କ ନିଜର ମନ୍ତବ୍ୟରୁ ଓ ପରିବର୍ତ୍ତିତ ଯୋଗ୍ୟ ପ୍ରଣାଳୀ ଆଦି ୫ଟି ବିଷୟରେ ବ୍ୟାଖ୍ୟା କରିଥିଲେ ।



ଏହି ଅବସରରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଡ଼ଃ ବିଶ୍ୱଜିତ ପଟ୍ଟନାୟକ ମୁଖ୍ୟ ଅତିଥିଙ୍କୁ ଏଏସ୍‌ବିଏମ୍ ମେମଣ୍ଟୋ ପ୍ରଦାନ କରିଥିଲେ । ଅନୁଷ୍ଠାନର ଡ଼ିନ୍ ପ୍ରଫେସର ଡ଼ଃ କଲ୍ୟାଣ ଶଙ୍କର ରାୟ ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଏଏସ୍‌ବିଏମ୍‌ର ସମସ୍ତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।